ଭୁବନେଶ୍ୱର ଓ କେନ୍ଦ୍ରାପଡ଼ା ରୁ ଏକସଙ୍ଗେ ପ୍ରକାଶିତ

ଓଡ଼ିଶା ଏକ୍ସପ୍ରେସ୍

ସମ୍ପାଦକୀୟ

# ବାବାଙ୍କ ସାମ୍ରାଜ୍ୟ ବଢୁଛି କେମିତି?

ରାଜନେତାମାନେ ବାବାଙ୍କ ଆଶ୍ରିତ ହେବା ଫଳରେ ହିଁ ବାବାମାନଙ୍କ ଆଶ୍ରମ ମଜଭୁତ ହେଉଛି ଏବଂ ପ୍ରଚାର-ପ୍ରସାର ବଢୁଛି ।

ରାମାୟଣ-ମହାଭାରତ ସମୟରେ ମଧ୍ୟ ମୁନିଋଷିମାନେ ରାଜାଙ୍କ ପରାମର୍ଶଦାତା ଥିଲେ । ରାଜ୍ୟର ମଙ୍ଗଳ ପାଇଁ ପୂଜା-ଧ୍ୱଜା ଏବଂ ହୋମ-ଯଜ୍ଞ କରୁଥିଲେ । କିନ୍ତୁ ଆଜିର ବାବାମାନେ ଏମିତି ସ୍ତରକୁ ଖସିଯାଉଛନ୍ତି ଯେ ସେମାନଙ୍କୁ ଶେଷରେ ଜେଲ୍‌ଯିବାକୁ ପଡୁଛି ।

ଇନ୍ଦିରା ଗାନ୍ଧୀ ଏବଂ ନରସିଂହ ରାଓ ମଧ୍ୟ ବାବାଙ୍କ ଆଶ୍ରିତ ଥିଲେ । ସେ ବାବାମାନେ ମଧ୍ୟ ଚର୍ଚ୍ଚିତ ଆଉ ବିତର୍କିତ ଥିଲେ । ଆଜି ମଧ୍ୟ ରାଜନେତାଙ୍କର ବାବା ପ୍ରୀତି କମିନି ।

ସାରଥୀ ବାବା ଏବେ ଜେଲ୍‌ରେ । ସୁରବାବା ଜେଲ୍‌ରେ ଥିଲେ । ଏବେ ବେଲ୍‌ରେ ଆସିଛନ୍ତି । ଆଶାରାମ ବାପୁ ମଧ୍ୟ ଭିତରେ । ହରିଆନାର ଡେରା ମୁଖ୍ୟ ରାମ ରହିମଙ୍କ ଠିକଣା ଏବେ କାରାଗାର । ନିକଟରେ ଦୁଷ୍କର୍ମ ଅଭିଯୁକ୍ତ ଦିଲ୍ଲୀର ଆତ୍ମଘୋଷିତ ଧର୍ମଗୁରୁ ଦାତି ମହାରାଜାଙ୍କ କଳାକାରନାମାର ଗୁମର ଫିଟିବାରେ ଲାଗିଛି । ଜଣେ ୨୫ ବର୍ଷୀୟା ଯୁବତୀଙ୍କୁ ଦୁଷ୍କର୍ମ କରିଥିବା ନେଇ ଦାତିଙ୍କ ବିରୋଧରେ ମାମଲା ରୁଜୁ ହେବାପରେ ପୁଲିସ ଓ କ୍ରାଇମ୍‌ବ୍ରାଞ୍ଚ ତଦନ୍ତ କରୁଛନ୍ତି । ଦାତି ମହାରାଜ ଫେରାର ଥିବାର ଜଣାଯାଇଛି । ପୁଲିସ ଦାତିଙ୍କ ବିଭିନ୍ନ ଆଶ୍ରମ ଉପରେ ଚଢ଼ାଉ କରି ଆଶ୍ରମ ପରିସରରେ ଗୁମ୍ଫା ଆକୃତିର ଏକ ଏକାନ୍ତ ଘରେ ଯୁବତୀଙ୍କୁ ଦୁଷ୍କର୍ମ ହୋଇଥିବାର ଜାଣିବାକୁ ପାଇଛି । ୧୦ ବର୍ଷ ତଳେ ଦାତିଙ୍କ ରାଜସ୍ଥାନସ୍ଥିତ ବାଳାଶ୍ରମ ଗୁରୁକୁଳ ଆଶ୍ରମକୁ ପୀଡ଼ିତା ପଢ଼ିବାକୁ ଆସିଥିଲେ । ୨୦୧୬ରେ ଆଶ୍ରମ ପରିସରରେ ଅଭିଯୁକ୍ତ ଦାତି ଓ ତାଙ୍କର କିଛି ସହଯୋଗୀ ଯୁବତୀଙ୍କୁ ଗଣଦୁଷ୍କର୍ମ କରିଥିବା ନେଇ ଫତେପୁର ପୁଲିସରେ ଅଭିଯୋଗ ହୋଇଛି ।

ଆଜିଯାଏ ଯେତେଜଣ ବାବା ଜେଲ୍ ଯାଇଛନ୍ତି ସେମାନଙ୍କ ଭିତରୁ ଅଧିକାଂଶଙ୍କ ବିରୋଧରେ ଦୁଷ୍କର୍ମ ଅଭିଯୋଗ ରହିଛି । ଆଶ୍ରମରେ ଝିଅମାନଙ୍କୁ ରଖାଯାଇ ସେମାନଙ୍କ ସହିତ ଅସଦ୍ ଆଚରଣ କରାଯାଉଥିବାର ଜଣାଯାଇଛି । ଏସବୁ କଥା ପଦାକୁ ଆସିବା ପରେ ମଧ୍ୟ ପ୍ରତିଦିନ କେମିତି ନୂଆ ନୂଆ ବାବାଙ୍କର ଆବିର୍ଭାବ ଘଟୁଛି ଏବଂ ସେମାନଙ୍କୁ ଆଶ୍ରମ ପାଇଁ ଏକର ଏକର ଜାଗା ମିଳିଯାଉଛି ତାହାହିଁ ଅନେକଙ୍କ ମନରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

ଆଜି ଯେଉଁ ବାବାମାନେ ଶିକ୍ଷାର ପ୍ରଚାର-ପ୍ରସାର ପାଇଁ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା କରୁଛନ୍ତି, ନିରୋଗ ଭାରତବର୍ଷର ସ୍ଲୋଗାନ ଦେଇ ତାଙ୍କ ନୀତି ଆଦର୍ଶର ପ୍ରଚାର କରୁଛନ୍ତି ଏବଂ ଭକ୍ତମାନଙ୍କୁ ପ୍ରଭାବିତ କରୁଛନ୍ତି ସେମାନେ ଯେ କାଲି ପଥଭ୍ରଷ୍ଟ ହେବେନି ଏହାର କିଛି ଗ୍ୟାରେଣ୍ଟି ଅଛି? ସେମାନେ ମଧ୍ୟ ଏବେଠୁ ସ୍କାନର ଭିତରକୁ ଆସିବା ଦର୍କାର ।

ବାବାଙ୍କ ଭକ୍ତମାନେ ଜଣେ ଜଣେ ଭୋଟର । ତେଣୁ ଯେଉଁ ବାବାଙ୍କ ଭକ୍ତ ଯେତେ ତାଙ୍କ ପାଖରେ ସେତେ ଭୋଟର । ଏଇ କାରଣରୁ ବୋଧେ ରାଜନେତାଏ ମଧ୍ୟ ବାବାଙ୍କ ଭକ୍ତ । ଠିକ୍ ଏଇ କାରଣରୁ ବାବାଙ୍କ ସାମ୍ରାଜ୍ୟ ବଢୁଛି ଆମ ଦେଶରେ ।

# ସଅଁବାଳୁଆ ଗୁରୁ ମୋର



ରମ୍ୟ ରଚନା

ଦିବାକର ବିଶ୍ୱାଳ

କଥାଟା ମନକୁ ଗଲାନାହିଁ ବୋଧହୁଏ? ଆପଣଙ୍କ ମନକୁ ନପାଇଲେ ମୁଁ ଏବେ କ'ଣ କରିବି କୁହନ୍ତୁ? ମାତ୍ର ଆଜିର ଏହି ଦାଦା ମାର୍କା ସମାଜରେ, ଚୋର, ଡାକୁ, ଖଣ୍ଟ ମାର୍କା ଦୁନିଆରେ ସଅଁବାଳୁଆ ଭଳି ତୁଚ୍ଛ ପୋକଟା ସତରେ ଆମ ପାଇଁ କେଡ଼େ ଆଦର୍ଶର, କେଡ଼େ ଅନୁକରଣୀୟ, ଆମଭଳି, ଆପଣଙ୍କ ଭଳି ଅଣ୍ଟା ପର୍ଯ୍ୟନ୍ତ ପାପପଙ୍କରେ ପୋତି ହେଇ ପଡ଼ିଥିବା ମଣିଷ ତା'ର ତାତ୍ପର୍ଯ୍ୟ ମୋଟେ ବୁଝିପାରିବ ନାହିଁ । ବୁଝୁଥିଲେ ତା'ର ଆଜି ଏ ହାଲ୍ ହୁଅନ୍ତା କାହିଁକି?

ସଅଁବାଳୁଆ ବୋଧହୁଏ ଏ ବିଶ୍ୱ ବ୍ରହ୍ମାଣ୍ଡର ଏକମାତ୍ର ଜୀବ, ଯେ ଜନ୍ମ ହେଇଥାଏ ରତ୍ନାକର ହେଇ, ଆଉ ମରେ ବାଲ୍ମୀକି ହେଇ । ଏବେ କିଛି ବୁଝିଲେ ନା ନାହିଁ? କାମ, କ୍ରୋଧ, ଲୋଭ, ମୋହ ପ୍ରଭୃତି ଷଡ଼ଅରୀ ମିଶି ଆପଣଙ୍କୁ ଅନ୍ଧ କରି ପକେଇଛନ୍ତି, ଆପଣ କିଛି ଦେଖିପାରୁ ନାହାନ୍ତି, ଆପଣଙ୍କୁ ବଧିର କରି ଦେଇଛନ୍ତି, ଆପଣ କିଛି ଶୁଣି ପାରୁନାହାନ୍ତି । ତା' ନହେଲେ ଆପଣ କ'ଣ ବୁଝି ପାରନ୍ତେ ନାହିଁ ଯେ ସଅଁବାଳୁଆ ଠୁଁ ଗୁରୁ ନାହିଁ ।

ସଅଁବାଳୁଆକୁ ଆମେ ଘୃଣାକରୁ, ଭୟକରୁ । ତା'ର କୁତ୍ସିତ କଦର୍ଯ୍ୟ ଚେହେରା, ତା'ଦେହରେ ଥିବା ଟାଉଁସିଆ ଟାଉଁସିଆ ବିଷାକ୍ତ ଲୋମ ଦେହରେ ଲାଗିଗଲେ ରକ୍ଷା ନାହିଁ, ଯଦି ଅସାବଧାନତାବଶତଃ ସଅଁବାଳୁଆ ଲୋମ ପେଟକୁ ଚାଲିଗଲା, ତା'ହେଲେ ଆପଣଙ୍କ କାମ ବଢ଼ିଗଲା ଜାଣନ୍ତୁ । କେନ୍ଦ୍ରାପଡ଼ା ଡାକ୍ତର ମନା କରିଦେବ, କଟକ ବି ଭଲ ହେବା ସମ୍ଭବ ନୁହେଁ, ଭାଗ୍ୟରେ ଥିଲେ ବଞ୍ଚିବେ, ନହେଲେ ମରଣ ଅନିବାର୍ଯ୍ୟ । ଇମିତି ହେଇଚି, ସଅଁବାଳୁଆ ପଡ଼ିଥିବା ଖିରି ଖାଇ, ନହେଲେ ସଅଁବାଳୁଆ ପଡ଼ିଯାଇଥିବା ତରକାରି ଖାଇ ଲୋକ ମରଣ ସାଙ୍ଗରେ ଲଢ଼ିଥିବା ଘଟଣା ଆଗରୁ ଘଟିଛି । ସେହି ପୋକଗୁଡାକ ପୁଣି ଉଦ୍‌ବୀଜା, ଲକ୍ଷ ଲକ୍ଷ ସଂଖ୍ୟାରେ ଜନ୍ମ ହେଇପଡ଼ନ୍ତି, ଗଛପତ୍ର ଖାଇ ଲଣ୍ଡା କରିପକାନ୍ତି । ହେଲେ ଏହି କୁତ୍ସିତ କଦର୍ଯ୍ୟ ଭୟଙ୍କର ପ୍ରାଣୀଟି ନିରନ୍ତର ସାଧନା କରି ଚାଲିଥାଏ, ରତ୍ନାକରରୁ ବାଲ୍ମୀକି ହେବା ପାଇଁ । ଶେଷରେ ଆପଣା ସାଧନା ବଳରେ ସେ ପ୍ରଜାପତି ପାଲଟିଯାଏ । ଯେଉଁ ପ୍ରାଣୀଟିର ଛାଇ ପଡ଼ିଲେ ଆମର ନାହି ଡେଇଁଥାଏ, ଯାହାର କିମ୍ଭୂତ କିମାକାର ରୂପ ଦେଖିଲେ ଦେହ ଶୀତେଇ ଉଠେ, ଆପଣା କର୍ମ ବଳରେ, ସାଧନା ବଳରେ ସେହି ଭୟଙ୍କର ସଅଁବାଳୁଆଟି ଯେତେବେଳେ ପ୍ରଜାପତି ପାଲଟିଯାଏ, ରତ୍ନାକର ଡାକୁରୁ ଯେତେବେଳେ ମହାମୁନି ବାଲ୍ମୀକି ପାଲଟିଯାଏ, ଆମେ ତା' ପଛରେ ଗୋଡେଇ ଗୋଡେଇ ତାକୁ ଧରୁ, ତାକୁ ଆଦର କରୁ । ସେତେବେଳକୁ ସେ ଆଉ ଭୟଙ୍କର ଦର୍ଶନ ସଅଁବାଳୁଆ ନଥାଏ, ସେ ହେଇଯାଇଥାଏ ପୀତ, ନୀଳ, ଲୋହିତ, ହେମ, ରଜତ, ସବୁଜ, ନାରଙ୍ଗୀ ବିବିଧ ମିଶ୍ର ବର୍ଣ୍ଣର ବିରଳ ଜୀବଟିଏ, ଈଶ୍ୱରଙ୍କ ସର୍ବଶ୍ରେଷ୍ଠ ସୁନ୍ଦର ସୃଷ୍ଟିଟିଏ । ଗଛପତ୍ର, ଛେଲି ଆଉ ସେ ଖାଉ ନଥାଏ, ଫୁଲରୁ ଫୁଲକୁ ଉଡି ସେ ମଧୁ ଆସ୍ୱାଦନ କରେ, ଫୁଲର ସୁରଭିରେ ମତୁଆଲା ହେଇ ପୃଥିବୀର ଏକନମ୍ବର ପ୍ରେମିକ ପାଲଟି ଯାଏ । ତା'ଦେହର ଅସଂଖ୍ୟ ଲୋକ ସୁନ୍ଦର ସୁନ୍ଦର ଦୁଇଟି ଡେଣାରେ ରୂପାନ୍ତରିତ ହୋଇଯାଏ । ତା'ର କର୍କଶ, କଦର୍ଯ୍ୟ, କୁତ୍ସିତ ଦେହଟା ମୁଲାୟମ୍, କୋମଳ, ଚିକ୍କଣ ହୋଇ ଯାଇଥାଏ । ସେ ନିଶବ୍ଦରେ ଉଡି ବୁଲୁଥାଏ ଏ ବଗିଚାରୁ ସେ ବଗିଚା, ଏ ଫୁଲରୁ ସେ ଫୁଲ । ଆଉ ମଉନ ଭାଷାରେ ଆମକୁ ଯେମିତି କହୁଥାଏ- ରେ ମୂଢ଼ ମଣିଷ, ମୋତେ ଦେଖ, ମୋଭଳି ସାଧନା କର, ସିଦ୍ଧିଲାଭ କର, ସଅଁବାଳୁଆରୁ ପ୍ରଜାପତି ହୁଅ । ଲୋକେ ତୁମକୁ ଆଉ ଭୟ କରିବେ ନାହିଁ ବା ଘୃଣା କରିବେ ନାହିଁ । ଶ୍ରଦ୍ଧା କରିବେ, ଆଦର କରିବେ, ତୁମର ପ୍ରଶଂସା କରିବେ । ମାତ୍ର ଆମେ ଅନ୍ଧ, ବଧିର । ପ୍ରଜାପତିର ବିବର୍ତ୍ତିତ ଆଦର୍ଶ, ଘଟାନ୍ତରିତ ଅନୁପମ ରୂପ ଲାବଣ୍ୟ ଆମକୁ ଦିଶେ ନାହିଁ, ତା'ର ଆଦର୍ଶ ଜୀବନ କାହାଣୀ ଆମକୁ ଶୁଭେ ନାହିଁ । ଦିନେ ଯେ ଆତଙ୍କର ପ୍ରତୀକ ଥିଲା, ଘୃଣାର ମୂର୍ତ୍ତିମାନ ଥିଲା, ସେହି ସଅଁବାଳୁଆ ଯଦି ସୌନ୍ଦର୍ଯ୍ୟର ପ୍ରତୀକ, ଆଦର ଶ୍ରଦ୍ଧାର ପାତ୍ର ହେଇପାରୁଛି ନିଜ ସାଧନା ବଳରେ, ତା'ହେଲେ ଆମେ ମଣିଷ ରୂପୀ ସୟତାନମାନେ ଭଦ୍ରରୂପୀ ଡକାୟତମାନେ, ନେତାରୂପୀ ଟାଉଟର୍‌ମାନେ, ରକ୍ଷକରୂପୀ ଭକ୍ଷକମାନେ ନିଜ ସାଧନା ବଳରେ ସତକୁ ସତ ମଣିଷ ହେଇ ପାରିବା ନାହିଁ କାହିଁକି?

ଏବେ ଆପଣ ମୋ ସହିତ ଏକମତ ହେଲେ ତ? ସଅଁବାଳୁଆକୁ ଗୁରୁ ଭାବରେ ଗ୍ରହଣ କରିନେବା କେତେ ଯୁଗୋପଯୋଗ, ଗ୍ରହଣଯୋଗ୍ୟ ପଦକ୍ଷେପ? ତେଣୁ ସଅଁବାଳୁଆ ଗୁରୁ ମୋର ନହୁଅ ମନ ହେଞ୍ଚପେଞ୍ଚ ।

*ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡ଼ା*

*ମୋ. ୯୪୩୭୭୭୬୨୩୮*

# 'ରୌଦ୍ର ରଜ'ର ସଜ



ଝିଙ୍କି ମହାକାଳି ଚକୁଳି

ସମରେନ୍ଦ୍ର ବଳିଆରସିଂହ

ଗାଁ ଛାଡ଼ିବା ଦିନ ଠାରୁ ରଜରେ ଗାଁକୁ ଯିବା ଏକ ଆବଶ୍ୟକତା ପାଲଟି ଯାଇଥିଲା । ଔପଚାରିକତା ଖାତିରରେ ନୁହେଁ, 'ଆଗ୍ରହ' ଥିଲା, ଜନ୍ମମାଟିରୁ ଭଲ ପାଇବାର ଏକ 'ପ୍ରବଣତା' ଥିଲା । ପରିବାର, କୁଟୁମ୍ବ ତଥା ଗାଁ ଲୋକମାନଙ୍କ ସହ ହାଲକାରେ ଭେଟିବାର ଗୋଟେ ମହାର୍ଘ୍ୟ ସୁଯୋଗ ମିଳେ ଏଇ ସମୟରେ । ଗାଁରୁ ଯାଇ ସହରରେ ବାସ କରୁଥିବା ଲୋକମାନଙ୍କ ସହ ଭେଟଭାଟ ହେଉଥିଲା । ସାରା ଗାଁ ଏକାଠି ହେଉଥିଲା ଏଇ ରଜ ସମୟରେ । ସେଇ ଖାତିରରେ ରଜପାଗ ବେଶ୍ ଜମୁଥିଲା । ଅବଶ୍ୟ ସେତେବେଳର ରଜପାଗ ଆଉ ନାହିଁ । ଆଗଭଳି ସେତେ ଦୋଳି ଆଉ ଲାଗୁନାହିଁ । ଗାଁରୁ ସହର ପଳେଇଯାଇଥିବା ସବୁ ଲୋକ ଆଉ ରଜ ମଉଜ ପାଇଁ ଗାଁକୁ ଆସୁନାହାନ୍ତି । ଗାଁରେ ହେଉଥିବା ଯାତ୍ରାରେ ବି ଆଗଭଳି ଦେଖଣାହାରୀ ହଉନାହାନ୍ତି । ସ୍ମାର୍ଟଫୋନ୍ ଏବେ କେତେକାଂଶରେ ରଜ ମଉଜକୁ ଫିକା କରିଦେଇଛି । ଗାଁ ପିଲାଏ ମୋବାଇଲକୁ ଜପାମାଳି କରି ରଜ ପାଳୁଛନ୍ତି । ତେବେ ଗତ କିଛି ବର୍ଷ ଧରି ନୂଆକଥା ବି ଦେଖିବାକୁ ମିଳୁଛି । ଯେଉଁଠାନରେ ରଜ ପାଳନ ହେଉନଥିଲା, ସେଠାରେ ରଜ ପାଳନ ହେଉଛି । ସହରରେ ଏବେ ଅନେକ ସ୍ଥାନରେ ରଜମଉଜ ଚାଲିଚି । ରଜ ଦୋଳି, ପିଠାପଣା, ଝୋଟି, ଚିତା, ହୁଳହୁଳିର ବିଭିନ୍ନ ପ୍ରତିଯୋଗିତାରେ ସହରବାସୀ ସାମିଲ ହେଉଛନ୍ତି, ଯାହାକି ଏକ ଭଲ ଲକ୍ଷଣ । ହଉ ଚାଲୁ, ଦେଖାଯାଉ କେତେଦିନ ବଞ୍ଚୁଛି ଆମ ପରମ୍ପରା ଆଉ ସଂସ୍କୃତି । ଆମଭଳି ମଣିଷ, ଯେଉଁମାନେ ଉଭୟ ଗାଁ ଓ ସହରରେ ବାସ କରିଛୁ, ପରମ୍ପରା ଓ ଆଧୁନିକତାକୁ ବେଶ୍ ପାଖରୁ ଦେଖିଛୁ, ଆମ ପାଇଁ ରଜର ସେଇ ପୁରୁଣା ଅନୁଭବ କିନ୍ତୁ ଭାରି ନିଆରା । ହଁ, ଆଉ ଗୋଟେ କଥା ଏଥର ରଜପାଗକୁ ବରବାଦିଆ କରିଦେଇଛି । ତାହା ହେଲା, ସୂର୍ଯ୍ୟଦେବଙ୍କ କୋପ । ହାଃ ହାଃ, ଏଥର ଆସିଥିଲା 'ରୌଦ୍ର ରଜ' । ମୌସୁମୀ ଦଗା ଦେଇଛି, ରଜରେ ଏଥର ନିଆଁ ବର୍ଷିଛି । ଏହି ଅବସ୍ଥାକୁ ନେଇ କବି ଲେଖିଛନ୍ତି କବିତା, ଯାହା ବେଶ୍ ପ୍ରାସଙ୍ଗିକ । ହ୍ୱାଟ୍ସଆପ୍‌ରେ ଏହା ଭାଇରାଲ ହେଇଚି (ଦ୍ରଷ୍ଟବ୍ୟ:କବିଙ୍କ ନାମ ମତେ ଜଣାନାହିଁ) । କବିତାଟି ଏହି ମତେ: ଗଗନେ ଡାକୁଚି ସୂର୍ଯ୍ୟ, ୪୫ ଡିଗ୍ରୀରେ ଆସିଛି ରଜ, ଝାଳରେ ସଭିଏଁ ଭିଜ, ଧୋଇଯାଉ ସଜବାଜ!! ରଜଦୋଳି ସାଇଁ ସାଇଁ, ଦୋଳି ବାନ୍ଧିବାକୁ ଗଛଟେ ନାଇଁ, ନିଠୁର ମଣିଷ ପାଇଁ, ଗଛ କାଟେ ଧାଇଁ ଧାଇଁ!! ରଜ ଦୋଳି କଟକଟ, ଭାଇ ମୋର ଆଉ ଗଛ ନ କାଟ, ପ୍ରକୃତି କରୁଚି ନାଟ, ଜୀବ ହୁଏ ଛଟପଟ!! ସତରେ, ଆଜିର ନାରୀମାନଙ୍କ 'ବହୁଳ ଋତୁ ଅନିୟମିତତା' ଭଳି ରଜ ବି ଅନିୟମିତ ହୋଇପଡ଼ିଛି । ଠିକ୍ ସମୟରେ ଆସୁନି ମୌସୁମୀ । ମଣିଷ ଉପରେ ସେ ରୁଷିଛି, ରାଗିଛି ।

## ଲାଇକ୍, କମେଣ୍ଟର ସାହିତ୍ୟ

ରଜରେ ଏଥର ଜମିଥିଲା ସାହିତ୍ୟ ଆସର । କବି, ସାହିତ୍ୟିକମାନଙ୍କ ପାଇଁ ରଜର ରୌଦ୍ର ଅବତାର ବିଶେଷ ପ୍ରଭାବ ପକାଇପାରି ନଥିଲା । ଆୟୋଜିତ ହୋଇଥିଲା କବିତା ଆସର ଓ ସାହିତ୍ୟ ଆଲୋଚନା । ଏଇଭଳି ଏକ ଆସରରେ ଯୋଗଦେବାର ନିମନ୍ତ୍ରଣ ମିଳିଥିଲା ଏ ଅକିଞ୍ଚନକୁ, ତାହା ପୁଣି ନିଜ ଜନ୍ମମାଟିରେ । ରଣପୁର ମନ୍ଦାକିନୀ ସାହିତ୍ୟ-ସଂସ୍କୃତି ସଂସଦର ରଜ କବିତା ଆସର ଓ ସାହିତ୍ୟ ଆଲୋଚନାରେ ଅତିଥି ଭାବେ ଯୋଗଦେବାର ସୁଯୋଗ ମିଳିଥିଲା । ପୁଣି ଜନ୍ମମାଟିରେ ପାଇଥିଲି ପ୍ରଥମ ସମ୍ବର୍ଦ୍ଧନା । ସାହିତ୍ୟିକ ବିରଞ୍ଚି ନାରାୟଣ ତ୍ରିପାଠୀ, ପ୍ରାଧ୍ୟାପକ ବିଜୟ କୁମାର ଜେନା ପ୍ରମୁଖଙ୍କ ଆତିଥେୟତା ମୁଗ୍ଧ କରିଥିଲା ମତେ । ସାହିତ୍ୟ ଆଲୋଚନାଚକ୍ରର ବିଷୟ ଥିଲା ଯୁବପିଢିଙ୍କୁ ସାହିତ୍ୟ ପ୍ରତି ଆକର୍ଷିତ କରିବା ପାଇଁ ଆମେ କ'ଣ କରିପାରିବା? । ମୋ ମତ ଥିଲା, ଯୁବପିଢି ସାହିତ୍ୟ ପ୍ରତି ଆଗ୍ରହୀ ହେବେ, ଯଦି ସେମାନଙ୍କୁ ପିଲାଟିଦିନରୁ ମାତୃଭାଷା, ମାତୃଭୂମି ଓ ମା'କୁ ଭଲପାଇବାର ଶିକ୍ଷା ଦିଆଯାଇଥିବ । ସେମାନେ ଶୁଣିଥିବେ, ଆଇ ମା' କାହାଣୀ ସେମାନଙ୍କ କଳ୍ପନାରେ ଗପର ଗଣ୍ଠିଲି ମେଲିଯାଇଥିବ । ଆଜିକାଲିର କାର୍ଟୁନ କିମ୍ବା କମ୍ପ୍ୟୁଟର ଗେମ୍, ସ୍ମାର୍ଟଫୋନ୍ ସେମାନଙ୍କୁ ସାହିତ୍ୟମନସ୍କ କରିପାରିବନି । ପିଲାଟିଦିନରୁ ସତକର୍ମ ଓ ଈଶ୍ୱର ଆରାଧନା ପାଇଁ ଯଦି ସେମାନଙ୍କୁ ପ୍ରେରିତ କରାଯାଇଥିବ, ତା'ହେଲେ ସେମାନେ ସୃଜନଶୀଳ ହେବେ । ପିଲାଟିଦିନରୁ ଏଇ ଭାବଟି ଯଦି ସଞ୍ଚରିଯିବ, ତା'ହେଲେ ବଡ଼ହେଲେ ସେଇ ଶିଶୁ, କିଶୋର ନିଜ ଭାଷା, ସାହିତ୍ୟକୁ ଭଲପାଇବ । ପାଠ୍ୟପୁସ୍ତକ ବ୍ୟତୀତ ଅନ୍ୟ ସବୁ ବହିକୁ ଆଦର କରିବ । ବର୍ତ୍ତମାନର ସ୍ମାର୍ଟଯୁଗରେ ଏସବୁ ହେଉନାହିଁ, ପିଲାଙ୍କୁ ଆମେ ସମୟ ଦେଉନାହେଁ, ଗପ ଶୁଣାଉନାହେଁ, ମୋବାଇଲ ଧରି ବସେଇଦଉଛେ କିମ୍ବା ଟିଭି ପାଖରେ ଛାଡ଼ିଦେଉଛେ । ତେବେ ଆଉ ଏକ ଦିଗରୁ ବିଚାର କଲେ, ବର୍ତ୍ତମାନର ସୋସିଆଲ ମିଡିଆ ଯୁଗରେ ଯୁବପିଢିଙ୍କୁ ସାହିତ୍ୟ ସହ ସଂପୃକ୍ତି ଏବଂ ପ୍ରଚାର, ପ୍ରସାର ପାଇଁ ଫେସବୁକ୍, ଟୁଇଟର, ହ୍ୱାଟ୍ସଆପ୍ ବଡ଼ ମାଧ୍ୟମ । ଏସବୁର ସଫଳ ଉପଯୋଗ ସହ ବହିକୁ ଭଲ ପାଇବାର ପ୍ରବୃତ୍ତି ଯଦି ଯୁବପିଢ଼ିଙ୍କ ମଧ୍ୟରେ ଉଦ୍ରେକ ହୁଏ ତା'ହେଲେ ସାହିତ୍ୟ ଆଗେଇବ । ତେବେ ପ୍ରକୃତରେ ହେଉଛି କ'ଣ? ଅନେକ ଯୁବ ସାହିତ୍ୟସ୍ରଷ୍ଟା ଫେସବୁକରେ ନିଜର ଲେଖା (ତାହା ଉତ୍କୃଷ୍ଟ ହେଉ କି ସାଧାରଣ) ଛାଡ଼ି ଅଧିକରୁ ଅଧିକ ଲାଇକ୍, କମେଣ୍ଟ ପାଇଁ ଅପେକ୍ଷା କରୁଛନ୍ତି । ବନ୍ଧୁମାନଙ୍କୁ ଫୋନ୍, ଫେସ୍‌ବୁକ୍ ମେସେଞ୍ଜର କିମ୍ବା ହ୍ୱାଟ୍‌ସ ଆପ୍ ମାଧ୍ୟମରେ ଅନୁରୋଧ କରି ଲାଇକ୍ ଓ କମେଣ୍ଟ ପାଇଁ କହୁଛନ୍ତି । ଆଉ କିଛି ସୁନ୍ଦରୀ ସାହିତ୍ୟିକ ନିଜ ରୂପ ଲାବଣ୍ୟର ଉପଯୋଗ କରି ଅଧିକରୁ ଅଧିକ ଲାଇକ୍ ଓ କମେଣ୍ଟ ପାଇଁ ଆଶାୟୀ । ସେମାନେ କାହାକୁ ଅନୁରୋଧ କରିବା ଆବଶ୍ୟକ ନାହିଁ, ଆପେ ଆପେ ଲାଇକ୍, କମେଣ୍ଟ ସେମାନଙ୍କ ଟାଇମ୍‌ଲାଇନ୍‌ରେ ଭର୍ତ୍ତି ହୋଇଯାଉଛି । ଭଲଲେଖା ହୋଇଥିଲେ ତାହା ଆଦର ଲାଭ କରିବ, ଏଥିରେ ସନ୍ଦେହ ନାହିଁ । ତେବେ ନିମ୍ନମାନର ଲେଖାକୁ ପ୍ରଭାବଶାଳୀ ଓ ଲୋକପ୍ରିୟ କରିବାର ଉଦ୍ୟମ କିଛି ଯୁବ ସାହିତ୍ୟିକ ବନ୍ଧୁ କରୁଛନ୍ତି । ଆଉ ଥୋକେ ଲାଗିଯାଇଛନ୍ତି, କେମିତି କୋଉଠୁ ସାହିତ୍ୟ ମଞ୍ଚରେ ବସିବେ କିମ୍ବା ବେକରେ ଗାମୁଛା ପକେଇବେ ମାନେ ସମ୍ବର୍ଦ୍ଧନାର ସୁଯୋଗ ହାତେଇବେ । କୌଣସି ସାହିତ୍ୟ ପୁରସ୍କାର ପାଇଁ ଚୟନ ବେଳେ ମଧ୍ୟ ଅବସ୍ଥା ସେୟା । ସାଧନା ଓ ଅଧ୍ୟବସାୟ ଆଗରେ ଯୋଗାଡ଼ ଓ ଚମକର ଚାହିଦା ବାଜି ମାରିନେଉଛି । ସୃଜନର ପ୍ରକୃତ ତଥା ନିରପେକ୍ଷ ମୂଲ୍ୟାୟନ ହୋଇପାରୁନାହିଁ ।

## ଶୁଣ ସୁଜନେ 'ସୋନା ଜନାନ'

ବାଟରେ ମଳତ୍ୟାଗ କଲେ ବି ନାଁ ଆଜକାଲି ମନ୍ଦିର ତୋଳା ଅପେକ୍ଷା ଏଇ ପନ୍ଥାଟିକୁ ଅନେକେ ଆପଣାଇ ନେଉଛନ୍ତି ରାତାରାତି ନାଁ କରିବା ପାଇଁ । ମାଡାମ୍ ସୋନା ମହାପାତ୍ର ସେଇ ପନ୍ଥାଟିକୁ ଆପଣାଇଛନ୍ତି । ବାରମ୍ବାର ଏଇଭଳି କରି ତାଙ୍କ ବେପାର ଜମଉଛନ୍ତି । ସୁନ୍ଦର ଚେହେରା ଅଛି, ତେଣୁ ଆମ ଯୁବପିଢି ବି ବାୟା । ତେବେ ଫିଲ୍ମ କିମ୍ବା ଟିଭି ସିରିଏଲ୍ ପାଇଁ ଗାଇବା ଭିନ୍ନ, ଜଣାଣ ବା ଭଜନ ଗାଇବା ଭିନ୍ନ । ଦୀର୍ଘବର୍ଷ ଧରି ଆମ ଜଣାଣ ଓ ଭଜନକୁ ବିକୃତ କରି ଗାନ କରାଯାଇଛି, ଯାହାକୁ ଆମେ ଓଡ଼ିଆଏ କିଛି କିଛି ବିରୋଧ କରୁଆସୁଥିଲେ ମଧ୍ୟ ସହ୍ୟ କରିନେଇଛୁ, କାରଣ ଆମେ ହେଲୁ 'ଉଦାର ଓଡ଼ିଆ' । ଆଗରୁ 'ରଙ୍ଗବତୀ'କୁ ନେଇ ମାଡାମ୍ ହିଟ୍ ହେଇଥିଲେ, ଏବେ 'ଆହେ ନୀଳଶୈଳ'କୁ ନେଇ ମାଡାମ୍ ସୁପର ହିଟ୍ । ତେବେ 'ଆହେ ନୀଳଶୈଳ'ର ଏହା ପ୍ରଥମ ପରିବେଷଣ ନୁହେଁ, ଓଡ଼ିଶା ସରକାର ଓ ହକି ଇଣ୍ଡିଆ ପକ୍ଷରୁ ଭୁବନେଶ୍ୱରରେ ହେବାକୁ ଥିବା ହକି ବିଶ୍ୱକପ୍(ପୁରୁଷ) ପାଇଁ ଗତ ଫେବୃଆରୀ ୧୬ ତାରିଖରେ ଦିଲ୍ଲୀରେ ହେଉଥିବା ଏକ ବୁଝାମଣା ଉତ୍ସବରେ (କୋଲାବରେସନ୍ ଇଭେଣ୍ଟ) ମାଡାମ୍ ସୋନା ଏହାକୁ ବିକୃତ କରି ଗାଇଥିଲେ । ଏ ଅକିଞ୍ଚନ ସେତେବେଳେ ସ୍ୱର ଉତ୍ତୋଳନ କରିଥିଲା ଏବଂ ଫେସ୍‌ବୁକ୍ ମାଧ୍ୟମରେ ବିରୋଧ ଦର୍ଜ କରିଥିଲା । କେବଳ ବିକୃତ ଗାଇବା ନୁହେଁ, ସୋନା ପିନ୍ଧିଥିବା ପୋଷାକରେ ମଧ୍ୟ ଅଶାଳୀନ ଭାବେ ମହାପ୍ରଭୁ ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଚିତ୍ର ଅଙ୍କିତ ହୋଇଥିଲା । ତେବେ ଏଭଳି ଘଟଣାରେ ଅନେକ ପ୍ରତିକ୍ରିୟାଶୀଳ ହୋଇଛନ୍ତି, ତେବେ ଅନେକ ସମର୍ଥନ ମଧ୍ୟ କରିଛନ୍ତି । କାରଣ ଆମେ ଓଡ଼ିଆଏ 'ଏମିତି ଚୁପ୍ ରହିବାରେ ଓ ମାଡ଼ ଖାଇବାରେ ଅଭ୍ୟସ୍ତ' । ସୋନାଙ୍କ ସମର୍ଥନରେ ବାହାରିଥିବା ବନ୍ଧୁମାନଙ୍କର ଯୁକ୍ତି ବି ଅଜବ୍, ଯା' ହେଉ ଲୋକେ ଭୁଲିଯାଇଥିଲେ, 'ରଙ୍ଗବତୀ'କୁ, 'ଆହେ ନୀଳଶୈଳ'କୁ, ଏବେ ମନେ ତ ପକେଇଲେ, ଭଲ ହେଲା । ଆଉ କିଛି ସମର୍ଥକ ସୋନାଙ୍କ ରୂପଲାବଣ୍ୟ, ଆଧୁନିକ ବେଶ ପୋଷାକରେ ମୋହିତ, ତେଣୁ ସୋନା ଯାହା ବି କରିବେ, ଏମାନେ ଅନ୍ଧ ଭାବେ ତାଙ୍କୁ ସମର୍ଥନ ଓଜାଡ଼ି ଦେବେ । ତେଣୁ ଶୁଣ ସୁଜନେ 'ସୋନା ଜନାନ' ।

*ବିଡିଏ କଲୋନୀ, ଖୋର୍ଦ୍ଧା*

*ମୋ. ୭୦୭୭୭୦୫୩୮୯*

# ଏ ବୀଭତ୍ସତାର ବିଲୋପ କେବେ?

ବୈକୁଣ୍ଠନାଥ ରାଜଗୁରୁ

> ଆମ ସମାଜରେ ପାପ ପୁଣ୍ୟର ଧାରଣା ଲୋପ୍ ପାଇ ଗଲାଣି । ପାପ କଲେ ଦଣ୍ଡମିଳିବ ସେ କଥା ଉପରେ ଆଉ କାହାର ବିଶ୍ୱାସ ନାହିଁ । ପାପ କଲେ ନର୍କଗାମୀ ହେବାକୁ ପଡ଼େ, ନର୍କବାସରେ ଭୟଙ୍କର ଯନ୍ତ୍ରଣା ଭୋଗିବାକୁ ହୁଏ, ଏପରି ବିଶ୍ୱାସ ଆଉ ନାହିଁ । ମାର୍କଣ୍ଡ ପୁରାଣରେ ନର୍କର ବର୍ଣ୍ଣନା ବିସ୍ତୃତ ଭାବରେ ଦିଆଯାଇଛି ।

କି ବୀଭତ୍ସ ଏ ଦୃଶ୍ୟପଟ ! ଦୁଷ୍କର୍ମ, ବଳାତ୍କାର, ଧର୍ଷଣ, ଗଣଧର୍ଷଣ, ହତ୍ୟା, ଏଭଳି ଘଟଣା ପ୍ରତିଦିନ ଟି.ଭି. ପରଦାରେ ଦେଖାଯାଉଛି, ପ୍ରତିଦିନ ଖବରକାଗଜ ପୃଷ୍ଠାରେ ସ୍ଥାନ ପାଉଛି । କେଉଁଠି ସୁଯୋଗ ଉଣ୍ଡି ମହିଳାଙ୍କୁ ସ୍ୱବାସଭବନରେ, କେଉଁଠି ରାସ୍ତାରୁ ଉଠାଇ ନେଇ, କେଉଁଠି ନାବାଳିକାକୁ ପ୍ରଲୋଭନ ଦେଖାଇ, ଏପରିକି ପାଞ୍ଚବର୍ଷର ଶିଶୁ କନ୍ୟାକୁ ମଧ୍ୟ ଏ ଧର୍ଷଣକାରୀମାନେ ଛାଡୁ ନାହାନ୍ତି । ଶେଷରେ ନିଜ ଅପକର୍ମକୁ ଲୁଚେଇବା ପାଇଁ ତଣ୍ଟିଚିପି, କିମ୍ବା ଛୁରି ଭୁଷି କିମ୍ବା ପଥରରେ ଛେଚି ହତ୍ୟା କରୁଛନ୍ତି । ଏହା ଯେ କେବଳ ଆମ ଏଇଠି ଘଟୁଛି ତା'ନୁହେ, ସାରାଭାରତରେ ଏପରି ଘଟଣା ଘଟିବାର ଦେଖାଯାଉଛି । ସବୁ ଘଟଣା ପଦାରେ ପଡୁନି, ଅନେକ ଲୁଚି ରହି ଯାଉଛି । ଅନେକଙ୍କୁ ଭୟ ପ୍ରଦର୍ଶନ କରି, ଅନେକଙ୍କୁ ଚାପ ପ୍ରୟୋଗ କରି, ଅନେକଙ୍କୁ ଅର୍ଥ ପ୍ରଲୋଭନରେ ବଶୀଭୂତ କରି ମୁହଁ ନଖୋଲିବାର ବ୍ୟବସ୍ଥା କରିଦିଆଯାଉଛି । ଆଉ ମଧ୍ୟ କିଛି ନିଜ ଇଜ୍ଜତ ପଦାରେ ପଡ଼ିବା ଭୟରେ ବାଧ ହୋଇ ଚୁପ୍‌ରହୁଛନ୍ତି ।

ଅବଶ୍ୟ ଏଗୁଡ଼ିକ ମଧ୍ୟରେ ଏକ ଶତାଂଶ ଘଟଣା ଧର୍ଷଣର ମିଥ୍ୟା ଅଭିଯୋଗ । ବେଳେ ବେଳେ ଏପରି ଘଟେ ଯେ ଜଣେ ବୟସ୍କା ନାବାଳିକା ବା ଜଣେ ଯୁବତୀ ଲୁଚିଛପି ଜଣେ ଯୁବକ ସହିତ ପ୍ରେମସମ୍ପର୍କ ସ୍ଥାପନ କରୁଥିବା ବେଳେ ଯଦି ଧରାପଡ଼ିଯାଏ ତେବେ ଆତ୍ମରକ୍ଷା ପାଇଁ ସବୁଦୋଷ ଯୁବକଟିର ଉପରେ ଲଦି ଦେଇ ତାକୁ ଧର୍ଷଣକାରୀ ରୂପେ ଠିଆ କରାଇଦିଏ । ଏପରି ଘଟଣା ବିରଳ ହେଲେ ମଧ୍ୟ ଅସମ୍ଭବ ନୁହେଁ । ଦାରିଦ୍ର୍ୟର ତାଡ଼ନାରେ ହେଉ କିମ୍ବା ଦୈହିକ ସୁଖ ସମ୍ଭୋଗ ପାଇଁ ହେଉ, ଏମିତି ଘଟଣା ବେଳେ ବେଳେ ଘଟିଥାଏ । ଏପରି କତିପୟ ଘଟଣାକୁ ଛାଡ଼ିଦେଲେ ଆଉ ସମସ୍ତ ଘଟଣା ଯେପରି ଭୟଙ୍କର, ବୀଭତ୍ସ ଓ ଦୁଃଖ ଦାୟକ ସେଥିରେ କୌଣସି ସନ୍ଦେହ ନାହିଁ । ଏହା ଏକ ସଭ୍ୟ ସମାଜର ଚିତ୍ରପଟ ଆଙ୍କୁନାହିଁ, ଏହା ପ୍ରକଟିତ କରୁଛି ଆମ ସମାଜର ଅଧୋଗତିର କାଳିମାମୟ ରୂପ । ଆଜି ଆମେ ନାରୀ ସମାଜର ଉତ୍ଥାନ ପାଇଁ ଚେଷ୍ଟା କରୁଥିବା ବେଳେ ଏପରି ଘଟଣା ଆମ ଆଗରେ ପ୍ରଶ୍ନବାଚୀ ହୋଇ ଉଭା ହୋଇଛି । ଆମେ ସେଇ ବର୍ବରତା ପୂର୍ଣ୍ଣ ଅସଭ୍ୟତା ଆଡ଼କୁ କ୍ରମଶଃ ଟାଣି ହୋଇ ଯାଉଛୁ ।

ଆମ ସମାଜରେ ପାପ ପୁଣ୍ୟର ଧାରଣା ଲୋପ୍ ପାଇ ଗଲାଣି । ପାପ କଲେ ଦଣ୍ଡମିଳିବ ସେ କଥା ଉପରେ ଆଉ କାହାର ବିଶ୍ୱାସ ନାହିଁ । ପାପ କଲେ ନର୍କଗାମୀ ହେବାକୁ ପଡ଼େ, ନର୍କବାସରେ ଭୟଙ୍କର ଯନ୍ତ୍ରଣା ଭୋଗିବାକୁ ହୁଏ, ଏପରି ବିଶ୍ୱାସ ଆଉ ନାହିଁ । ମାର୍କଣ୍ଡ ପୁରାଣରେ ନର୍କର ବର୍ଣ୍ଣନା ବିସ୍ତୃତ ଭାବରେ ଦିଆଯାଇଛି । କେଉଁ ପାପ କଲେ ଶୂଳୀରେ ବସିବ, କେଉଁ ପାପ କଲେ ଫୁଟନ୍ତା ତେଲ କରେଇରେ ପଡ଼ିବ, କେଉଁ ପାପ କଲେ ବିକଟାଳ ପଶୁମାନେ ଦାନ୍ତରେ ଚିରି ହାଡ଼ ମାଂସ ବିଦୀର୍ଣ୍ଣ କରି ଖାଇଯିବେ ଏ ସବୁ ଦୃଶ୍ୟ ସେଥିରେ ଦିଆଯାଇଛି । ମାତ୍ର ଆଜିର ଧର୍ମ ଧ୍ୱଜାଧାରୀମାନେ ଏକଥା ପ୍ରଚାର କରୁନାହାନ୍ତି । ତୀର୍ଥରେ ସ୍ନାନ କଲେ କିମ୍ବା ଦେବ ଦର୍ଶନ କଲେ କିମ୍ବା ରଥ ଦଉଡ଼ି ଛୁଇଁ ଦେଲେ କୋଟି ଜନ୍ମର ପାପରୁ ମୁକ୍ତି ମିଳିବ ବୋଲି ବିଶେଷ ଭାବରେ ପ୍ରଚାର କରାଯାଉଛି । ପାପରୁ ମୁକ୍ତି ପାଇଁ ବହୁ ସହଜ ସୁଲଭ ଉପାୟ ଥିବାରୁ ପାପ ପ୍ରତି ଭୟ ଦୂର ହୋଇ ଯାଉଛି ।

ଧର୍ଷଣ ଭଳି ପାଶବିକ କାର୍ଯ୍ୟ କରିବା ପାଇଁ ମଦ୍ୟର ଭୂମିକା ସର୍ବଜନ ବିଦିତ । ମଦ ନିଶାରେ ହତଜ୍ଞାନ ବ୍ୟକ୍ତି ହତ୍ୟା ଓ ଧର୍ଷଣ ଭଳି ଅମାନୁଷିକ କାର୍ଯ୍ୟକୁ ସହଜରେ କରିପାରେ । ମଦ୍ୟପର ମୁଣ୍ଡରେ ଯେଉଁ ଗୋଟିଏ କଥା ଢୁକିଥାଏ ସେ ସେହି କାର୍ଯ୍ୟଟିକୁ କରିବାକୁ ଯତ୍‌ପରୋନାସ୍ତି ଚେଷ୍ଟାକରେ, ଭଲ ମନ୍ଦ ବିଚାର କରିବାର ସାମର୍ଥ୍ୟ ତାର ନଥାଏ । ପାଞ୍ଚ ସାତବର୍ଷର ଶିଶୁକୁ ଧର୍ଷଣ କରିବାକୁ ଆଗେଇ ଆସିବା ପୁରୁଷଟି ନିଶ୍ଚୟ ମଦ୍ୟପ । ବର୍ତ୍ତମାନ ଯେତେ ଯୌନ ଅପରାଧ ଘଟୁଛି ସେଥିରୁ ଅଧିକାଂଶ ନିଜର ସମ୍ପର୍କୀୟ ବା ପରିଚିତ ଲୋକଙ୍କ ଦ୍ୱାରା ଘଟୁଥିବାର ଜଣାଯାଏ । ଏମାନେ ମଦ ବାଉଳାରେ ଏପରି କାଣ୍ଡ ଘଟାଇଥାନ୍ତି । ମଦ୍ୟପ ପୁରୁଷ ଆଖିକୁ ଝିଅ, ବୋହୂ, ଭଉଣୀ ଓ ଇତର ନାରୀ ମଧ୍ୟରେ କିଛି ଭିନ୍ନତା ଦେଖାଯାଏ ନାହିଁ । ପାଞ୍ଚ ବର୍ଷରୁ ପଞ୍ଚସ୍ତରି ବର୍ଷ ବୟସ୍କାଙ୍କ ମଧ୍ୟରେ କିଛି ପ୍ରଭେଦ ଅଛି ବୋଲି ସେ ଅନୁଭବ କରିପାରେ ନାହିଁ । ବର୍ତ୍ତମାନ ଯେପରି ମଦର ବନ୍ୟା ଛୁଟିଛି ସେଥିରେ ଏ କୁକର୍ମ ଘଟି ଚାଲିବ ହିଁ ଚାଲିବ ।

କେବଳ ମଦର ବନ୍ୟା ନୁହେଁ ଅଶ୍ଳୀଳତାର ବନ୍ୟା ମଧ୍ୟ ଯୁବସମାଜକୁ ସବୁବେଳେ ଉତ୍ତେଜିତ କରି ରଖୁଛି । ସିନେମା, ସିରିୟଲ, ଯାତ୍ରା, ମୋବାଇଲ, ଇଣ୍ଟରନେଟ୍, ପତ୍ରପତ୍ରିକା ସବୁଥିରେ ଅଶ୍ଳୀଳତା ଭର୍ତ୍ତି । ଅଶ୍ଳୀଳତା ପ୍ରଦର୍ଶନକାରୀମାନେ ଏଥିରେ ଗୌରବ ଅନୁଭବ କରୁଛନ୍ତି । ଅଙ୍ଗ ପ୍ରଦର୍ଶନ ନଥିଲେ ସିନେମା ଭଲ ଆୟ କରୁ ନାହିଁ । ଅଙ୍ଗ ପ୍ରଦର୍ଶନ ନ କଲେ ଝିଅଟି ହିରୋଇନ୍ ହୋଇ ପାରୁନି । ଭଲ ରୋଜଗାର କରି ପାରୁନି । ଅଶ୍ଳୀଳ ଗୀତ ନଲେଖିଲେ ଗୀତିକାର ଭଲ ଗୀତିକାର ନୁହେ, ଏ ଗୀତ ନଗାଇଲେ ଗାୟକଟି ଭଲ ଗାୟକ ନୁହେ । ତେଣୁ ସେମାନଙ୍କ ରୋଜଗାର ଜିରୋ । ଅଶ୍ଳୀଳ ଚିତ୍ର ନଥିଲେ ପତ୍ରିକାଟିର ଚାହିଦା ନାହିଁ । ଏ ସବୁ କଥା ଅନୁଶୀଳନ କଲେ ଜଣାଯାଏ ଯେ ସିନେମା ସିରିଏଲ, ଆଲବମ୍ ପ୍ରଭୃତିର ପ୍ରଯୋଜକମାନେ ଏବଂ ପତ୍ର ପତ୍ରିକାର ସମ୍ପାଦକମାନେ ଅଶ୍ଳୀଳତା ଭଳି ଅପସଂସ୍କୃତିର ପ୍ରସାରଣ ପାଇଁ ମୁଖ୍ୟତଃ ଦାୟୀ । ସେମାନେ ଅଧିକ ରୋଜଗାରକୁ ଦୃଷ୍ଟିରେ ରଖି ଏହା କରୁଛନ୍ତି । କିନ୍ତୁ ଯଦି କେହି ଏକଥା ନ କରିବେ ତେବେ କ'ଣ ସିନେମା, ସିରିଏଲ, ଆଲବମ୍, ଇଣ୍ଟନେଟ୍, ଚାଲିବନି? ଚାଲିବ, ଦର୍ଶକ ଦେଖିବେ, ପାଠକ ପଢିବେ, କିନ୍ତୁ କ୍ୱାଲିଟି ଖୋଜା ପଡ଼ିବ । ସିନେମା ହେଉ ବା ଆଲବମ୍ ହେଉ ସେତେବେଳେ ଗୁଣବତ୍ତା ହିଁ ଲୋଡ଼ା ହେବ । ପୁନଶ୍ଚ ଦର୍ଶକ ଓ ପାଠକମାନଙ୍କର ମାନସିକତାରେ ପରିବର୍ତ୍ତନ ହେବା ଜରୁରୀ, ରୁଚିରେ ଶାଳୀନତା ରହିବା ଆବଶ୍ୟକ । ସମାଜର ବୃହତ୍ ଭାଗ ଶିକ୍ଷିତ ଓ ଭଦ୍ର ନ ହେଲେ ଅଶ୍ଳୀଳତାର ବିଲୋପ ସମ୍ଭବ ନୁହେଁ ।

ଅଶ୍ଳୀଳତା ଭଳି ଅପସଂସ୍କୃତିର ପ୍ରସାର ପାଇଁ ନାରୀ ମଧ୍ୟ କିଛି ପରିମାଣରେ ଦାୟୀ । କିଛି ନୀଚ ମାନସିକତା ଧାରିଣୀ ବାଳିକା ବା ଯୁବତୀ ଅଙ୍ଗସୌଷ୍ଠବ ପ୍ରଦର୍ଶନ ପାଇଁ ଆଗ୍ରହୀ । ସର୍ବସାଧାରଣ କ୍ଷେତ୍ରରେ ସେମାନେ ଏପରି ଯୌନ ଉତ୍ତେଜକ ପୋଷାକ ପରିଧାନ କରି ବିଚରଣ କରିଥାନ୍ତି ଯାହାକି ଯୁବମାନସକୁ ଆନ୍ଦୋଳିତ କରିଥାଏ ।

ଆହାର, ନିଦ୍ରା, ଭୟ ଓ ମୈଥୁନ ଜନ୍ମଗତ ପ୍ରବୃତ୍ତି । ଦେହଧାରୀ ପ୍ରାଣୀର ଏହା ସ୍ୱଗୁଣ । ଏକଥା କେହି କାହାକୁ ଶିଖାଏ ନାହିଁ । ପ୍ରଜ୍ଞାବାନ୍ ମନୁଷ୍ୟ ଏହାକୁ ନିୟନ୍ତ୍ରଣ କରିବାକୁ ବିଧି ବ୍ୟବସ୍ଥା ପ୍ରଣୟନ କରିବା ଯୋଗୁଁ ସମାଜ, ସଭ୍ୟତା ଓ ସଂସ୍କୃତିର ଉଦ୍ଭବ । ଅପ ସଂସ୍କୃତିର ଉଦୟ ହେଲେ ସଂସ୍କୃତିର ଅସ୍ତ ହୁଏ । ବର୍ତ୍ତମାନ ଯେପରି ଧର୍ଷଣ, ବଳାତ୍କାର ଭଳି ବୀଭତ୍ସ ଅପସଂସ୍କୃତି ବ୍ୟାପିବାରେ ଲାଗିଛି ସେଥିରେ ରୋକ୍ ଲଗାଇବା ପାଇଁ କେବଳ ସଚେତନତା ଜାଗ୍ରତ ହେଲେ ହେବ ନାହିଁ, ଏହି ଅପସଂସ୍କୃତିର ମୁଖ୍ୟ କାରକଗୁଡ଼ିକ ପ୍ରତି ରୋକ୍ ଲଗାଇବାକୁ ହେବ । ମଦ୍ୟ ଭଳି ନିଶାଦ୍ରବ୍ୟର ନିବାରଣ ଓ ଅଶ୍ଳୀଳତାର ନିବାରଣ କରାଯାଇ ପାରିଲେ ଦୁଷ୍କର୍ମ, ବଳାତ୍କାର, ଧର୍ଷଣ ଓ ହତ୍ୟା ପ୍ରଭୃତି ବୀଭତ୍ସ କର୍ମକାଣ୍ଡ କ୍ରମଶଃ କମିଆସିବ ବୋଲି ଆଶା କରାଯାଏ ।

ନଗ୍ନତା, ଅଶ୍ଳୀଳତା ବିରୋଧରେ ଆଇନ ଅଛି । ସେ ସବୁ ଆଇନ୍ ଅଧିକ କଡ଼ା ହେବା ଆବଶ୍ୟକ । ବିଶେଷତଃ ତ୍ୱରିତ ବିଚାର ଓ ଦଣ୍ଡ ବିଧାନ କରାଯିବା ସଙ୍ଗେ ସଙ୍ଗେ ଏହାର ଜୋର୍‌ଦାର୍ ପ୍ରଚାର ହେବା ଆବଶ୍ୟକ । ସିନେମା, ସିରିଅଲ, ଯାତ୍ରାପାର୍ଟି, ଆଲବମ୍, ପତ୍ରପତ୍ରିକା ଗୁଡ଼ିକର ନଗ୍ନତାର ପ୍ରସାର ଉପରେ କଡ଼ା କଟକଣା ରହିବା ଆବଶ୍ୟକ । ପରିବାରରେ ପିଲାମାନଙ୍କୁ ଏ ବିଷୟରେ ଯେ ଶିକ୍ଷା ଦିଆଯାଏନି, ତାଗିଦ୍ କରାଯାଏନି ତାହା ନୁହେଁ, କିନ୍ତୁ ଏ ବିଷୟରେ ଆଉକିଛି ଅଧିକ ଉଦ୍ୟମ କରାଯିବାର ଆବଶ୍ୟକତା ରହିଛି । ପରିବାରର ଜ୍ୟେଷ୍ଠମାନଙ୍କର କନିଷ୍ଠମାନଙ୍କ ପ୍ରତି ତୀକ୍ଷ୍ଣଦୃଷ୍ଟି ରଖିବାର ମଧ୍ୟ ଆବଶ୍ୟକତା ରହିଛି । ପୁଅ, ଝିଅ ପରସ୍ପର ପ୍ରେମ କରିବା ଦୋଷାହ ନୁହେ, କିନ୍ତୁ କେତେକ କ୍ଷେତ୍ରରେ ଲଜ୍ଜାହୀନ ଭାବରେ ଯେପରି ପ୍ରେମ ଚାଲୁଛି ତାହାର କୁପ୍ରଭାବ ପରିବେଶକୁ ପ୍ରଦୂଷିତ କରୁଛି । ତେଣୁ ଏଥିରେ ସଂଯମ ଅବଲମ୍ବନ କଲେ ସମାଜ ଶୃଙ୍ଖଳିତ ହେବ ।

*ଡାକଘର ସାହି, ଖୋରଧା,*

*ମୋ:୯୯୩୮୧୧୫୦୧୯*

# ଏବେ ବି ଜାତିଗୋତ୍ର ମାନସିକତା

ବାଦଲ ଭୂୟାଁ

ଦେଶ ସ୍ୱାଧୀନ ହେବା ପରେ ପରେ ନୂଆ ସମ୍ବିଧାନ ମଧ୍ୟ ପ୍ରଣୟନ ଓ କାର୍ଯ୍ୟକାରୀ ହେଲା। ଦେଶବାସୀଙ୍କୁ ସମ୍ବିଧାନ ଯେଉଁସବୁ ଅଧିକାର ଦେଇଛି ତାହା କେବଳ ଗଣତାନ୍ତ୍ରିକ ଶାସନ ବ୍ୟବସ୍ଥାରେ ସମ୍ଭବ । ଗଣତନ୍ତ୍ରରେ ଆଇନ ଆଗରେ ସମସ୍ତେ ସମାନ ଏବଂ ଯେଉଁସବୁ ଆଚାରବିଚାର ସମ୍ବିଧାନର ବିରୋଧ କରୁଛି ସେସବୁ ବେଆଇନ । ଏହି ପରିପ୍ରେକ୍ଷୀରେ ଲୋକମାନଙ୍କୁ ଯେଉଁସବୁ ମୌଳିକ ଅଧିକାର ଦିଆହୋଇଛି ତାହା ସୃଷ୍ଟି କରିଛି କେତେ ପ୍ରକାର ମୂଲ୍ୟବୋଧ ଏବଂ ତାହାରି ପାଳନ ଉପରେ ନିର୍ଭର କରୁଛି ସ୍ୱାଧୀନ ଭାରତର ଜନସାଧାରଣଙ୍କର ନୂତନ ମୂଲ୍ୟବୋଧ । ଅର୍ଥାତ ମୁକ୍ତ ମତ ପ୍ରକାଶ କରିବାର ଅଧିକାର, ବସବାସ କରିବାର ଅଧିକାର, ଧର୍ମପାଳନ କରିବାର ଅଧିକାର, ଖାଦ୍ୟ ଖାଇବାର ଅଧିକାର ଇତ୍ୟାଦି । ଏହି ଅଧିକାର ସହିତ ସମ୍ପୃକ୍ତ ପ୍ରାୟ ୨୭ଟି ଅଧିକାର ଲୋକମାନଙ୍କୁ ମିଳିଛି ଏବଂ ଏହି ଅଧିକାରକୁ ନେଇ ସେମାନେ ନିଜର ଜୀବନଯାତ୍ରା ଏବଂ ବଞ୍ଚି ରହିବା ସ୍ୱାଭିମାନଙ୍କୁ ବଜାୟ ରଖିପାରିବେ । ଦୁଃଖ ଓ ଦୁର୍ଭାଗ୍ୟର ବିଷୟ ଯେ ସମ୍ବିଧାନ ଜାତିଗୋତ୍ରକୁ ଉଠାଇ ଦେଇଥିଲାବେଳେ ଭାରତର କେତେକ ସ୍ଥାନରେ ଏବେ ବି ତାହା ଚଳୁଛି । ହରିଆଣା, ହିମାଚଳପ୍ରଦେଶ ଅଞ୍ଚଳରେ ଖାପ୍ ଗୋଷ୍ଠୀର ଲୋକମାନେ ମଧ୍ୟଯୁଗୀୟ ସାମାଜିକ ପ୍ରଥା ପରମ୍ପରାକୁ ସମ୍ବିଧାନ ଓ ଆଇନ ଠାରୁ ଅଧିକ ଗୁରୁତ୍ୱ ଦେଉଛନ୍ତି । ଅନ୍ୟ ଜାତିର ଲୋକଙ୍କୁ ବିବାହ କରୁଥିବା ଝିଅ ଓ ପୁଅଙ୍କୁ ହତ୍ୟା କଲାଭଳି ଗୁରୁତ୍ୱପୂର୍ଣ୍ଣ ଦଣ୍ଡ ଦିଆଯାଉଛି ଯାହାକି କୌଣସି ଆଇନ ସମର୍ଥନ କରେନାହିଁ । ଦୁଃଖର କଥା ଯେ ସେଭଳି ଝିଅ ଓ ପୁଅଙ୍କ ବିବାହ ଅନ୍ୟ ଜାତି ସହିତ କରାଯାଉଥିବାରୁ ସେମାନଙ୍କୁ ଯେ ବର୍ବର ପରି ହତ୍ୟା କରାଯାଉଛି ତାହା କେବେ ଆଇନ ସମ୍ମତ ନୁହେଁ । ସେହିପରି ମହାରାଷ୍ଟ୍ରରେ ସାମାଜିକ ଏକଘରିଆ ପ୍ରଥା ଏବେ ବି ପ୍ରଚଳିତ ଅଛି । ଓଡ଼ିଶାରେ ଠାଏ ଠାଏ ମଧ୍ୟ ଏହି ପ୍ରଥା ଚଳୁଛି । ନିଜ ଜାତି ବାହାରେ ବିବାହ କରିବା ସେମାନଙ୍କର ଜାତିଭାଇମାନେ ବିରୋଧ କରୁଥିବାରୁ ସେମାନଙ୍କୁ ଏକଘରିଆ କରାଯାଉଛି ବା କଠିନ ଦଣ୍ଡ ଦିଆଯାଉଛି। ଏଇ ଘୃଣ୍ୟ ପ୍ରଥା ଏବେ ବି ପ୍ରଚଳିତ ଥିବାରୁ ମହାରାଷ୍ଟ୍ର ସରକାର ଏହା ବନ୍ଦ କରିବା ପାଇଁ ଆଇନ ପ୍ରସ୍ତୁତ କରୁଥିଲେ ମଧ୍ୟ, ସେହି ଆଇନ ଏବେ ବି କେନ୍ଦ୍ରର ଅନୁମୋଦନ ପାଇନାହିଁ ।

ବ୍ରିଟିଶ ରାଜତ୍ୱ କାଳରେ ଅନେକ ଜାତିଗୋଷ୍ଠୀ ମଧ୍ୟରେ ଏହିପରି ଅନେକ ପ୍ରଥା ଓ ପରମ୍ପରା ଥିଲା ଯେତେବେଳେ ଝିଅ ବା ପୁଅ ଯଦି ଜାତିଗୋଷ୍ଠୀ ବାହାରେ ବିବାହ କରୁଥିଲେ ତେବେ ସେମାନଙ୍କୁ ଚରମ ଦଣ୍ଡ ଦିଆଯାଉଥିଲା । ଏହିପରି ଗ୍ରାମାଞ୍ଚଳରେ ଭିନ୍ନ ଜାତିର ଲୋକଙ୍କ ଘରେ ବିବାହ କରିବା ନିଷେଧ କରାଯାଉଛି ଏବଂ ଯଦି ତାହା ଅମାନ୍ୟ କରାଯାଏ ତେବେ ସେମାନଙ୍କୁ ବିଭିନ୍ନ ପ୍ରକାର ଦଣ୍ଡ ଦିଆଯାଉଛି । ସତୁରି ବର୍ଷର ସାମ୍ବିଧାନିକ ସମାଜ ବ୍ୟବସ୍ଥା ଏବେ ବି ନୂତନ ମୂଲ୍ୟବୋଧ ସୃଷ୍ଟି କରିପାରି ନାହିଁ । ଆହୁରି ପରିତାପର ବିଷୟ ଯେ ଆଇନ ଆଗରେ ସମାନ ବିବେଚିତ ହେଉଥିବା ଲୋକମାନଙ୍କୁ ପ୍ରଥା ଓ ପରମ୍ପରା ଭାଗ ଭାଗ କରି ରଖିଛି ଏବଂ ଯେଉଁମାନେ ଏହାର ବିରୋଧ କରୁଛନ୍ତି ସେମାନଙ୍କୁ ଚରମ ଦଣ୍ଡ ଦିଆଯାଉଛି । ଏକଥା ଜାଣିବା ସତ୍ତ୍ୱେ ଏପରି ବେଆଇନ କାର୍ଯ୍ୟ କରୁଛନ୍ତି ସେମାନଙ୍କୁ ପ୍ରଚଳିତ ବିଧିବ୍ୟବସ୍ଥା ଅନୁସାରେ ଦଣ୍ଡ ମିଳୁନାହିଁ ଏବଂ ଆହୁରି ଦୁର୍ଭାଗ୍ୟର କଥା ଯେ ବିଧାୟକ ଓ ସାଂସଦମାନେ ମଧ୍ୟ ସେମାନଙ୍କର ନିର୍ବାଚନମଣ୍ଡଳୀରେ ଏପରି ଜାତିଗୋଷ୍ଠୀ ଭେଦଭାବକୁ ପ୍ରଶ୍ରୟ ଦେଉଛନ୍ତି କିନ୍ତୁ ତାହା ବନ୍ଦ କରିବା ପାଇଁ ଉପଯୁକ୍ତ ବ୍ୟବସ୍ଥା କରୁନାହାନ୍ତି । ଫଳରେ ସମ୍ବିଧାନ ଲୋକମାନଙ୍କୁ ଦେଇଥିବା ମୌଳିକ ଅଧିକାର ଏବଂ ଆଇନର ଶାସନ ଅକାମି ହୋଇଯାଉଛି । ଆଇନ ଆଗରେ ଜଣେ କୋଟିପତି ଓ ଜଣେ ଗରିବ ଉଭୟଙ୍କୁ ସମାନ ଦୋଷ ପାଇଁ ସମାନ ଦଣ୍ଡ ମିଳିବ । କିନ୍ତୁ ଆମର ଦୈନନ୍ଦିନ ଜୀବନରେ ସାମ୍ବିଧାନିକ ବ୍ୟବସ୍ଥାଗୁଡ଼ିକ ମୂଲ୍ୟବୋଧରେ ପରିଣତ ହୋଇ ନଥିବାରୁ ଆଇନ ସ୍ଥାନରେ ପ୍ରଥା ଓ ପରମ୍ପରା ହିଁ ଆଇନ ଠାରୁ ଅଧିକ ମର୍ଯ୍ୟାଦା ପାଉଛି । ସତୁରି ବର୍ଷ ଗଲାଣି ଆଉ କେତେ କାଳପରେ ସ୍ୱାଧୀନ ଭାରତର ନାଗରିକମାନେ ଆଇନ ଆଗରେ ସମାନ ବିବେଚିତ ହେବେ? ଏହିସବୁ ସାମାଜିକ କୁସଂସ୍କାର ନକରି ସେଇ ପୁରୁଣା ପ୍ରଥା ସବୁକୁ ମାନ୍ୟତା ଦବା ମଧ୍ୟ ଏକ ବେଆଇନ କାର୍ଯ୍ୟ । ରାଜା ରାମମୋହନ ରାୟଙ୍କ ପରି ଦେଶହିତୈଷୀଙ୍କ ଉଦ୍ୟମରୁ ବିଧବା ବିବାହ, ସତୀଦାହପ୍ରଥା, ବାଲ୍ୟବିବାହ ପ୍ରଥା ଇତ୍ୟାଦି ଉଠାଇ ଦିଆଯାଇଛି । କିନ୍ତୁ ସମସ୍ତ ନାଗରିକଙ୍କୁ ସମ୍ବିଧାନ ସମାନ ବିବେଚନା କରୁଥିଲେ ମଧ୍ୟ ଜାତିଗୋଷ୍ଠୀ ମନସ୍କତା ଏବେ ବି ବଜାୟ ରହିବା ଅତ୍ୟନ୍ତ ଦୁଃଖର ବିଷୟ । ପ୍ରତିଷ୍ଠିତ ଅନୁଷ୍ଠାନମାନଙ୍କରେ ମହିଳାମାନଙ୍କୁ ବେଦପାଠ କରିବା ଅଧିକାର ଦିଆଯାଇ ନାହିଁ । ଏପର୍ଯ୍ୟନ୍ତ ଶୁଦ୍ରମାନଙ୍କୁ ଦିଅଁ ଦର୍ଶନ ପାଇଁ ଅନୁମତି ମିଳୁନାହିଁ । ଗୋଟିଏ ସମାଜରେ ଯଦି ଅସମାନ ଶାସନ ବ୍ୟବସ୍ଥା ରହେ ତେବେ ତାହା ସମ୍ବିଧାନ ଦେଇଥିବା ନୂତନ ଜୀବନଧାରାକୁ ଅକାମି କରିଦେବ ଏବଂ ନୂତନ ମୂଲ୍ୟବୋଧ ସୃଷ୍ଟି କରିବା ଅପେକ୍ଷା ସାମାଜିକ ଶୃଙ୍ଖଳା ନାମରେ କୁସଂସ୍କାରକୁ ପ୍ରଶ୍ରୟ ଦେବା ପରି ହେବ । ସାମାଜିକ କୁସଂସ୍କାର ପାଇଁ ସମାଜବାଦୀ ଓ ବିଧାୟକମାନେ ଗୁରୁତ୍ୱ ଦେବା ଆବଶ୍ୟକ ।

*ପୁରୁଣା ସୋନାରୀ, ଜାମସେଦପୁର,*

*ମୋ. ୭୪୮୮୯୯୮୫୩୨*